# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 02 December – 2025

*******************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ପଞ୍ଚମ ଦିନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ

— ଜଙ୍ଗଲ ଓ ପରିବେଶ, ପାନୀୟଜଳ, ଗୃହ, ନଗର ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା

— ୨୦୨୭ ସୁଦ୍ଧା ରାଜ୍ୟର ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ : କହିଲେ ବିଭାଗୀୟ ମନ୍ତ୍ରୀ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ଧାନ ସଂଗ୍ରହ ପ୍ରକ୍ରିୟା

ଏବଂ

- ସବୁଜ ଭବିଷ୍ୟତ ପାଇଁ ସ୍ଥାୟୀ ଜୀବନଯାପନର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

## ବିଧାନସଭା-୧

ସପ୍ତଦଶ ବିଧାନସଭାର ପଞ୍ଚମ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ରହିଥିଲା। ପ୍ରଶ୍ନକାଳରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତେବେ ଶୂନ୍ୟକାଳରେ ବିରୋଧୀ ଦଳଗୁଡ଼ିକୁ ସମୟ ଦିଆଯାଉନଥିବା ଅଭିଯୋଗ କରି ଶାସକ ଓ ବିରୋଧୀଙ୍କ ମଧ୍ୟରେ ହଟଗୋଳ ସୃଷ୍ଟି ହୋଇଥିଲା। ରାଜ୍ୟରେ ଅନ୍ୱେଷା ଯୋଜନା ବନ୍ଦ କରିବା ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ଆଗତ ଏକ ମୁଲତବୀ ପ୍ରସ୍ତାବ ଉପରେ ହୋଇଥିବା ବିତର୍କରେ ଆସନ୍ତା ୫ ବର୍ଷ ପାଇଁ ଏହି ଯୋଜନା ଜାରି ରଖିବାକୁ ବିଭାଗୀୟ ସ୍ତରରେ ବିଚାର କରାଯାଉଥିବା ବିଭାଗୀୟ ମନ୍ତ୍ରୀ କହିଥିଲେ। ଚଳିତବର୍ଷ ପାଇଁ ଏହି ଯୋଜନାରେ ସରକାର ଏଯାବତ୍ ୧୦୫ କୋଟି ୧୬ ଲକ୍ଷ ଟଙ୍କା ବିଭିନ୍ନ ଜିଲ୍ଲାପ୍ରଶାସନକୁ ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ପରେ ଉପବାଚସ୍ପତି ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

## ବିଧାନସଭା-୨

ଆଗାମୀ ୨୦୨୭ ମସିହା ସୁଦ୍ଧା ରାଜ୍ୟର ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଗୃହରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ନାୟକ କହିଛନ୍ତି ରାଜ୍ୟରେ ଏଯାବତ୍ ୨୫ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ସହ ୬୬ଟି ପ୍ରକଳ୍ପର ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ୨୦୨୪ ମସିହା ଜୁନ୍ ମାସ ସୁଦ୍ଧା ୩ଟି ମେଗା ପାଇପ୍ ଜଳ ଯୋଜନା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ନୂଆ

ସରକାରର ୧୭ ମାସ ମଧ୍ୟରେ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଦୁଇହଜାର ସାତଶହ ଦୁଇଟି ସୌର ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-୩

ରାଜ୍ୟର ୩୨ଟି ନିଗମରେ ୧୦ ହଜାର ୨୬୪ ପଦବୀ ଖାଲି ପଡିଛି ବୋଲି ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାପାତ୍ର କହିଛନ୍ତି କୃଷି ଶିଳ୍ପ ନିଗମରେ ୨୮୮, ବିହନ ନିଗମରେ ୧୦୩, ଖଣି ନିଗମରେ ୧ ହଜାର ୧୬୩, ନିର୍ମାଣ ନିଗମରେ ୪୮୩, ଜଳବିଦ୍ୟୁତ୍ ନିଗମରେ ୧ ହଜାର ୧୧୨, ଶକ୍ତି ସଞ୍ଚାରଣ ନିଗମରେ ୩ ହଜାର ୨୬୧, କ୍ଷୁଦ୍ରଶିଳ୍ପ ନିଗମରେ ୨୦୫, ଉଠା ଜଳସେଚନ ନିଗମରେ ୧ ହଜାର ୧୫୦, ସଡ଼କ ପରିବହନ ନିଗମରେ ୩୬୧, ଓ୍ୱାଟ୍କୋରେ ୬୫ ଓ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମରେ ୧୧୭ ପଦବୀ ଖାଲି ପଡ଼ିଛି ବୋଲି ସୂଚନା ଦେଇଛନ୍ତି।

## ବିଧାନସଭା-୫

କଟକ ସହରରେ ଥିବା ସମସ୍ତ ବିପଦସଙ୍କୁଳ କୋଠା ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ପ୍ରକାଶ କରିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି କଟକ ମହାନଗର ନିଗମ ମଧ୍ୟରେ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗଠିତ କମିଟି ବିଭିନ୍ନ ଓ୍ୱାର୍ଡରେ ସର୍ଭେ କରୁଛନ୍ତି। ସର୍ଭେ ରିପୋର୍ଟ ମିଳିବା ପରେ ଚିହ୍ନଟ କୋଠାଗୁଡ଼ିକୁ

ନିୟମାନୁଯାୟୀ ଭାଙ୍ଗିବା ଲାଗି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ଗୃହକୁ ଜଣାଇଛନ୍ତି।

## ବିଧାନସଭା-୬

ବଜ୍ରପାତରୁ ଜୀବନ ରକ୍ଷା ପାଇଁ ରାଜ୍ୟରେ ଗତ ଦୁଇବର୍ଷରେ ୩୭ ଲକ୍ଷ ତାଳ ଚାରା ରୋପଣ କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି ବଜ୍ରପାତ ରୋକିବାରେ ତାଳଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୭ ଦଶମିକ ୫୯ କୋଟି ଅର୍ଥରାଶି ମଞ୍ଜୁର ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏ ନେଇ ୫ ଦଶମିକ ୯୪ କୋଟି ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିଧାନସଭା-୪

ରାଜ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢ଼େଇରେ ଗତ ୧୦ ବର୍ଷରେ ୧ ହଜାର ୩୯୬ ଲୋକଙ୍କ ପ୍ରାଣହାନି ହୋଇଛି। ସେହି ସମୟ ମଧ୍ୟରେ ୫ ହଜାର ୬୦୯ଟି ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟିଛି। ସରକାର ୬ ହଜାର ୧୭୪ ଲକ୍ଷରୁ ଅଧିକ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ ଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି।

## ବିଧାନସଭା-୭

ରାଜ୍ୟର ୫ ହଜାର ୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଖୁବ୍‌ଶୀଘ୍ର ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଗ୍ରାମସଭା ଓ ପଞ୍ଚାୟତ ସମିତି ଅଧିକାରୀଙ୍କ ଦ୍ୱାରା ସର୍ଭେକ୍ଷଣ କରାଯାଇ ଏହି ସମସ୍ତ ରାଜସ୍ୱ ପଡ଼ା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଉଛି। ବିକଶିତ ଗାଁ, ବିକଶିତ ଓଡ଼ିଶା, ମନରେଗା ଓ ସିଏଫ୍‌ସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ୨ ହଜାର ୬୪୩ କିଲୋମିଟର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-୮

ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟବଳ - ଟାସ୍କଫୋର୍ସ ଗଠନ କରାଯାଇଛି। ଟାସ୍କଫୋର୍ସର ବିଭିନ୍ନ ବିଭାଗ ସହ ତିନୋଟି ବୈଠକ କରାଯାଇ ଶ୍ରମିକଙ୍କୁ ନିଜ ଗ୍ରାମରେ କିପରି ବିକଳ୍ପ ଜୀବିକା ଯୋଗାଇ ଦେଇହେବ ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ଜିଲ୍ଲାସ୍ତରରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ୧୯୭୯ ଅନୁଯାୟୀ ଠିକାଦାରମାନେ ଅନଲାଇନ୍ ଆବେଦନ ଜରିଆରେ ବାହାର ରାଜ୍ୟରେ ଶ୍ରମିକ ନିୟୋଜନ ନିମନ୍ତେ ଲାଇସେନ୍ସ ପାଇଥାନ୍ତି। ଚଳିତ ବର୍ଷ ଜିଲ୍ଲାସ୍ତରରେ ୧ ହଜାର ୧୦୭ ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦

ହଜାର ୩୬୦ ଜଣ ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

## ବିଧାନସଭା-୯

ରାଜ୍ୟର ୫୧ଟି ବନଖଣ୍ଡ ଅଧିନରେ ୫୧ଟି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାପନ କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି ସରକାର ପର୍ଯ୍ୟଟନର ବିକାଶ ପାଇଁ ଗତବର୍ଷ ୮୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଚଳିତ ଅତିରିକ୍ତ ବଜେଟ୍‌ରେ ମଧ୍ୟ ୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ପର୍ଯ୍ୟଟନସ୍ଥାନରେ ଉନ୍ନତ ମାନର ୱାଚ୍ ଟାୱାର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ବୈଷୟିକ ଟିମ୍ ଟୁରିଜିମ୍ ପ୍ରକଳ୍ପ ସ୍ଥାପନ ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକର ସର୍ଭେ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି ।

# ଧାନସଂଗ୍ରହ

ରାଜ୍ୟରେ ଆଜିଠାରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମିଲ୍ ମାଲିକସଂଘ ସହିତ ବିଭିନ୍ନ ପ୍ରସଙ୍ଗର ଆଲୋଚନା ଏବଂ ମିଲର୍ସ ସଂଘ ସହ ବୁଝାମଣାପତ୍ର ସ୍ୱାକ୍ଷର ପରେ ଧାନକିଣା ପାଇଁ ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ ଏବଂ ୩୦ଟି ଜିଲ୍ଲାର ମିଲ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କେନ୍ଦ୍ର

ନବରଙ୍ଗପୁର ଜିଲ୍ଲାରେ ଚଳିତ ବର୍ଷ ଖରିଫ ବିପଣନ ଋତୁ ପାଇଁ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କେନ୍ଦ୍ର ଆରମ୍ଭ କରାଯାଇଛି। ଏହା ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଜିଲ୍ଲାର ସମସ୍ତ ଧାନକ୍ରୟ କେନ୍ଦ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧାର ତଦାରଖ କରାଯିବ ବୋଲି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ କହିଛନ୍ତି।

## କର୍ମଶାଳା ଆୟୋଜିତ

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ପ୍ରତ୍ନତତ୍ତ୍ୱ ଇତିହାସ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଡକ୍ଟର ରାଇମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବିଶିଷ୍ଟ ଗବେଷକ ଡକ୍ଟର ପ୍ରଭାତ କୁମାର ମହାନ୍ତି ଓ ଭାଗବତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜିଲ୍ଲାର ଚୁଡ଼ାମଣି, ଚାନ୍ଦବାଲି ଓ ଧାମରା ବନ୍ଦର ନୌବାଣିଜ୍ୟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି କହିଛନ୍ତି। ଏହି ଅବସରରେ ପ୍ରତ୍ନତତ୍ତ୍ୱ ସମ୍ବଳିତ ଏକ ପୁସ୍ତକ ଲୋକାର୍ପିତ ହୋଇଛି।

## ଚିଲିକା କୂଳର ଉନ୍ନତି

ଗଞ୍ଜାମ ଜିଲ୍ଲା ରମ୍ଭାସ୍ଥିତ ଗୌରାଙ୍ଗପାଟଣା ଗ୍ରାମରେ ଚିଲିକା କୂଳର ଉନ୍ନତି ପାଇଁ ସରକାର ୧ କୋଟି ୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଆଜି ଏହାର ସମୀକ୍ଷା କରି କହିଛନ୍ତି ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ ସ୍ଥାନୀୟ ଲୋକେ ଆତ୍ମନିର୍ଭରଶୀଳ ହେବାସହ ରୋଜଗାରର ବାଟ ଫିଟିବ । ସେହିଭଳି ବ୍ଲକର ପ୍ରସିଦ୍ଧ ଅଳେଶ୍ୱର ଶୈବପୀଠ ବିକାଶ ଲାଗି ୯୪ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ନେଇ ଜିଲ୍ଲାପାଳ କହିଛନ୍ତି ।

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

ଏକ ସବୁଜ ଭବିଷ୍ୟତ ପାଇଁ ସ୍ଥାୟୀ ଜୀବନଯାପନର ବାର୍ତ୍ତା ନେଇ ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି । ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହିତ ପ୍ରଦୂଷଣଜନିତ କ୍ଷତିକାରକ ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ସାମୁହିକ ପ୍ରୟାସ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଆଜିର ଦିନରେ ୧୯୮୪ ମସିହାରେ ମଧ୍ୟପ୍ରଦେଶର ଭୋପାଳଠାରେ ୟୁନିୟନ କାର୍ବାଇଡ୍ ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେବା ଯୋଗୁଁ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ବଞ୍ଚିଥିବା ଲୋକଙ୍କର ସ୍ୱାସ୍ଥ୍ୟ ପାଇଁ ଦୀର୍ଘକାଳୀନ ପ୍ରଭାବ ପଡିଥିଲା । ଦୁର୍ଘଟଣାରେ ମୃତାହତ ଲୋକଙ୍କୁ ସମ୍ମାନିତ କରିବା ଏବଂ ବିପର୍ଯ୍ୟୟ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ବଲାଙ୍ଗୀର ଜିଲ୍ଲାରେ ଏହି ଦିବସ ପାଳିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ୱାର ଯୋଗଦେଇ ପ୍ରଦୂଷଣମୁକ୍ତ ଭାରତ ଗଠନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସବୁଜ ଭବିଷ୍ୟତ ପାଇଁ ସ୍ଥାୟୀ ଜୀବନଯାପନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶୀର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଆଜି ପୁରୀର ବିଭିନ୍ନ ମଠଗୁଡ଼ିକରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଉଛି। ଭଗବାନ କୃଷ୍ଣଙ୍କ ପାଇଁ ଆଜିର ଦିନ ସମର୍ପିତ। ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ଅନୁଗାମୀମାନଙ୍କର ଏହା ଏକ ପ୍ରମୁଖ ପର୍ବ। ମାତା ଯଶୋଦା ଦ୍ୱାଦଶୀ ତିଥିରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ପରମ୍ପରା ପାଳନ କରାଯାଉଛି। ଚଳିତ ବର୍ଷ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ୮୭୫ରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି।

## ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର ପୋଖରୀପୁଟସ୍ଥିତ ମିଶନ ଶକ୍ତି ଭବନଠାରେ ଆଜି ମିଶନ ଶକ୍ତି ବିଭାଗ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ଆନୁକୂଲ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହେବ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।